ଦିଲ୍ଲୀ ବିକାଶ ପ୍ରାଧିକରଣ

ଗୃହସ୍ଥାପନ ସମବାୟ ସମୂହ ଗୃହ ବ୍ୟବସ୍ଥା

ସମିତି ଲିମିଟେଡ୍

ଫେବୃଆରୀ 20, 1995

[ଏସ. ସି. ଅଗ୍ରୱାଲ, ବି. ଏଲ. ହଂସାରିୟା ଏବଂ ସୁଜାତା ଭି. ମନୋହର, ନ୍ୟାୟମୂର୍ତ୍ତିବୃନ୍ଦ]

*ଦିଲ୍ଲୀ ବିକାଶ ପ୍ରାଧିକରଣ (ବିକଶିତ ନାଜୁଲ ଭୂମିର ନିକାଶ) ସଂଶୋଧନ ନିୟମାବଳୀ, 1981- ନିୟମ 24(2)- ବର୍ଦ୍ଧିତ ମୂଲ୍ୟରେ ଭୂମି ଆବଣ୍ଟନ ଗ୍ରହଣ କରିବାକୁ ମନା କରିଥିବା ଆବଣ୍ଟନକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ବହିନା ଅର୍ଥର ବାଜ୍ୟାପ୍ତି ।*

ଶବ୍ଦାବଳୀ ଏବଂ ବାକ୍ୟାଂଶ-"ବହିନା ଧନ"- ଅର୍ଥ ।

ଆବେଦନକାରୀ କର୍ତ୍ତୃପକ୍ଷ ଦ୍ୱାରକା, ପର୍ଯ୍ୟାୟ-1 ଏବଂ ନରେଲାରେ ସମବାୟ ସମୂହ ଗୃହ ବ୍ୟବସ୍ଥା ସମିତିକୁ ବର୍ଗ ମିଟର ପିଛା ଯଥାକ୍ରମେ 975 ଏବଂ 950 ଟଙ୍କାରେ ଭୂମି ଆବଣ୍ଟନ କରିବାକୁ ପ୍ରସ୍ତାବ ଦେଇଥିଲେ । ଆଗ୍ରହୀ ସଂସ୍ଥାଗୁଡ଼ିକ ପାଇଁ ବହିନା ଧନ ଭାବେ 5  ଲକ୍ଷ ଟଙ୍କା ଜମା କରିବା ବାଧ୍ୟତାମୂଳକ ଥିଲା । ତେବେ ସେ ଯାହା ହେଉ, ଦଖଲ ପ୍ରଦାନ କରାଯିବା ପୂର୍ବରୁ ଆବେଦନକାରୀ କର୍ତ୍ତୃପକ୍ଷ କିସ୍ତିକୁ ପ୍ରତି ବର୍ଗ ପିଛା 1650.65 ଟଙ୍କାକୁ ବୃଦ୍ଧି କରିଥିଲେ, ଯାହା ଭାରତ ସରକାରଙ୍କ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିଲା । କେତେକ ସମିତି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ, କିନ୍ତୁ କିସ୍ତି ବୃଦ୍ଧିକୁ କାଏମ ରଖାଯାଇଥିଲା ।

ଆବେଦନ କରାଯିବାରେ, ସର୍ବୋଚ୍ଚ ନ୍ୟାୟାଳୟ, ବୃଦ୍ଧିକୁ ସମର୍ଥନ କରୁଥିବାବେଳେ, ଦେୟ ଦେବା ପାଇଁ ସମୟ ବୃଦ୍ଧି କରିଥିଲେ । ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରତିବାଦୀ ଦେୟ ପ୍ରଦାନ ନ କରିବା ପରେ, ଆବେଦନକାରୀ ଆବଣ୍ଟନ ଆଦେଶର ଏକ ଖଣ୍ଡ ଅନୁସାରେ ଦେୟ ଯୋଗ୍ୟ 1650.65 ଟଙ୍କା "ବହିନା ଧନ"ର 10 ପ୍ରତିଶତ ସମ ପରିମାଣର ଅର୍ଥ ବାଜ୍ୟାପ୍ତ କରିଥିଲେ ।

ଏହାକୁ ଉଚ୍ଚ ନ୍ୟାୟାଳୟରେ ଆପତ୍ତି କରାଯାଇଥିଲା ଯିଏ ଆବେଦନକାରୀଙ୍କୁ କିଛି ନ କାଟିବାକୁ ଏବଂ ପ୍ରତିବାଦୀମାନଙ୍କ ଦ୍ୱାରା ଜମା କରାଯାଇଥିବା ସମ୍ପୂର୍ଣ୍ଣ ରାଶି ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଆବେଦନକାରୀମାନେ ବର୍ତ୍ତମାନର ଆବେଦନକୁ ଆଗତ କରି ଯୁକ୍ତି ଦର୍ଶାଇଥିଲେ ଯେ କିସ୍ତି ଜମା ନ କରିବା କ୍ଷେତ୍ରରେ "ବହିନା ଧନ" ର ବାଜ୍ୟାପ୍ତି ଆଇନ ଅନୁଯାୟୀ ଥିଲା ଏବଂ ଉଚ୍ଚ ନ୍ୟାୟାଳୟ ବହିନା ଧନର ବୃଦ୍ଧିକୁ ଯୁକ୍ତିଯୁକ୍ତ ବୋଲି ଜାଣିବାକୁ ପାଇବା ପରେ ତାଙ୍କ ନିର୍ଦ୍ଦେଶରେ ଫେରସ୍ତ କରିବା ପାଇଁ କହି ତ୍ରୁଟି କରିଥିଲେ ।

**ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ**

**କହିଲେ: 1. କ୍ରୟ ମୂଲ୍ୟର ଅଂଶବିଶେଷ ଭାବେ, ଚୁକ୍ତିନାମାକୁ ବାନ୍ଧି ରଖିବା ପାଇଁ, ଚୁକ୍ତିନାମାର ସମାପ୍ତି ସମୟରେ ବହିନା ଧନ ପ୍ରଦାନ କରାଯାଇଥାଏ ଏବଂ ଯଦି ଚୁକ୍ତିନାମାରେ ଏହାର ବିପରୀତ କିଛି କୁହାଯାଇ ନଥାଏ, ତେବେ କ୍ରୟର ଖିଲାପରେ କିମ୍ବା ବିଫଳତା ଉପରେ ତାହାକୁ ବାଜ୍ୟାପ୍ତ କରାଯାଇଥାଏ ।**

*ଶ୍ରୀ ହନୁମାନ କଟନ ମିଲ୍ସ* ବନାମ *ଟାଟା ଏୟାରକ୍ରାଫ୍ଟ ଲିମିଟେଡ୍,* **[1970] 3 ଏସ.ସି.ଆର. 127, ଉପରେ ନିର୍ଭର କରାଯାଇଛି ।**

*ଚିରଞ୍ଜିତ ସିଂ* ବନାମ *ହରସ୍ୱରୂପ* **ଏଆଇଆର (1926) ପିସି 1, ଉଲ୍ଲେଖ କରାଯାଇଛି ।**

**2.1. ପ୍ରତିବାଦୀମାନେ 3.11.92 ର ଯୋଗାଯୋଗରେ ଥିବା ପ୍ରସ୍ତାବକୁ ଗ୍ରହଣ କରି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଯୁକ୍ତିଯୁକ୍ତ ବୋଲି ଧରାଯାଇଥିବା 1650.65 ଟଙ୍କାର ବର୍ଦ୍ଧିତ ହାରରେ କିସ୍ତି ଦେବାକୁ ବାଧ ହୋଇଥିଲେ । ଯେହେତୁ ସର୍ବୋଚ୍ଚ ନ୍ୟାୟାଳୟର ତା 10.05.93 ରିଖରେ ଉଲ୍ଲିଖିତ ସର୍ତ୍ତର କୌଣସି ଅନୁପାଳନ ହୋଇନଥିଲା, ତେଣୁ ପ୍ରତିବାଦୀମାନେ ବହିନା ଧନର ବାଜ୍ୟାପ୍ତି ଆଦେଶ ଦ୍ୱାରା ନିଜକୁ ଆଇନ ଅନୁଯାୟୀ ବାଧିତ କରିଥିଲେ ।**

**2.2. ଯେଉଁ ବହିନା ଧନରାଶି ଜମା କରାଯାଇଥିଲା, ତାହା ସଂଶୋଧିତ ନାକୁଲ ନିୟମ ଅନୁଯାୟୀ ଆବଶ୍ୟକ ହେଉଥିବା କିସ୍ତିର 10 ପ୍ରତିଶତ ନଥିଲା, ବରଂ 1.10.90 ର ପ୍ରସ୍ତାବରେ ଦର୍ଶାଯାଇଥିବା ଏକ ନିର୍ଦ୍ଦିଷ୍ଟ ରାଶି 5 ଲକ୍ଷ ଟଙ୍କା ଥିଲା । ଯେଉଁ ବହିନା ଧନ ଆଇନ ଅନୁଯାୟୀ ବାଜ୍ୟାପ୍ତି ହେବା ଯୋଗ୍ୟ ଥିଲା, ତାହା 5 ଲକ୍ଷ ଟଙ୍କା ଥିଲା ଏବଂ ହିସାବ କରାଯାଇଥିବା 1650.65 ଟଙ୍କା ହାରରେ ମୋଟ କିସ୍ତିର 10 ପ୍ରତିଶତ ନୁହେଁ ।**

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 931/1995 ଇତ୍ୟାଦି ଇତ୍ୟାଦି

ସି.ଡବ୍ଲ୍ୟୁ.ପି. ସଂଖ୍ୟା 4607/1993 ରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ତା 3.8.94 ରିଖର ରାୟ ତଥା ଆଦେଶରୁ

ଆବେଦନକାରୀଙ୍କ ପକ୍ଷରୁ ଅରୁଣ ଜେଟଲୀ, ଭି. ବି. ସାହାରୟା ଏବଂ ସୁଶ୍ରୀ ସୁପାରିଆ ।

ପ୍ରତିବାଦୀମାନଙ୍କ ପକ୍ଷରୁ ବିଶ୍ୱଜିତ ଭଟ୍ଟାର୍ଯ୍ୟ, ସଞ୍ଜୟ ଘୋଷ ଏବଂ ଏ. ଭଟ୍ଟାଚାର୍ଯ୍ୟ ।

ଭାରତ ସଂଘ ତରଫରୁ ୱାଇ. ପି. ମହାଜନ ଏବଂ ସୁଶ୍ରୀ ସୁଷମା ସୁରୀ ।

ନ୍ୟାୟାଳୟର ରାୟ ପ୍ରଦାନ କରିଥିଲେ,

**ହଂସାରିୟା, ନ୍ୟାୟମୂର୍ତ୍ତି** । ଏହି ଆବେଦନଗୁଡ଼ିକରେ ଯେଉଁ ସଂକ୍ଷିପ୍ତ ବିଷୟ ଉପରେ ନିଷ୍ପତ୍ତି ନିଆଯିବା ଆବଶ୍ୟକ, ତାହା ଏହିକି ଯେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ଆବେଦନକାରୀଙ୍କୁ ପ୍ରତି ବର୍ଗ ମିଟର ପିଛା 975 ଟଙ୍କା ମୂଲ୍ୟରେ ଭୂମି ଆବଣ୍ଟନ ପରେ ପ୍ରତିବାଦୀଙ୍କ ଦ୍ୱାରା ଜମା କରାଯାଇଥିବା ବହିନା ଧନ ଫେରସ୍ତ କରିବା ପାଇଁ ନିର୍ଦ୍ଦେଶ ଦେବା ଯଥାର୍ଥ ଥିଲା କି, ଯାହାକୁ

ପରବର୍ତ୍ତୀ କାଳରେ 1650.65 ଟଙ୍କାକୁ ବୃଦ୍ଧି କରାଯାଇଥିଲା । ଯେଉଁ କାରଣରୁ ପ୍ରତିବାଦୀମାନେ ଶେଷରେ ଆବଣ୍ଟନ ଗ୍ରହଣ କରିବାକୁ ମନା କରିଦେଇଥିଲେ ।

2. ଏହି ତଥ୍ୟାବଳୀ ଉପରେ ଉପରୋକ୍ତ ପ୍ରଶ୍ନ ଉଠିଛି । ଦ୍ୱାରକା ପର୍ଯ୍ୟାୟ-1 ରେ ପ୍ରାୟ 260 ଟି ସମବାୟ ସମୂହ ଗୃହ ବ୍ୟବସ୍ଥା ସମିତିକୁ ଭୂମି ଆବଣ୍ଟନ କରିବାକୁ ପ୍ରସ୍ତାବ ଦେଇଥିଲେ, ଏବଂ ନରେଲାରେ ଏହିପରି ପ୍ରାୟ 60 ଟି ସମିତିକୁ ମଧ୍ୟ । ଯେତେବେଳେ ଏହି ପ୍ରସ୍ତାବଟି ପ୍ରଥମେ 1.10.90 ରେ ପ୍ରସ୍ତୁତ କରାଯାଇଥିଲା, ସେତେବେଳେ ଦ୍ୱାରକା ଭୂମି ପାଇଁ ବର୍ଗ ମିଟର ପିଛା 975 ଟଙ୍କା ଏବଂ ନରେଲା ଭୂମି ପାଇଁ 950 ଟଙ୍କା ସ୍ଥିର କରାଯାଇଥିଲା । ଆବଣ୍ଟନ ଭୂମିରେ ଆଗ୍ରହୀ ସଂସ୍ଥାଗୁଡ଼ିକୁ ବହିନା ଧନ ଭାବେ ଏବଂ ଆବଣ୍ଟନ ପାଇଁ ଆନୁଷ୍ଠାନିକ ଭାବେ ଆବେଦନ କରିବା ପାଇଁ 5 ଲକ୍ଷ ଟଙ୍କା ଜମା କରିବାକୁ ଥିଲା । ଆଗ୍ରହୀ ସମିତିମାନେ ଏହି ପ୍ରସ୍ତାବକୁ ଗ୍ରହଣ କରିବା ପରେ, ଆବେଦନକାରୀଙ୍କ ତା 25.1.91 ରିଖ ଯୋଗାଯୋଗ ଦ୍ୱାରା ଆନୁଷ୍ଠାନିକ ଆବଣ୍ଟନ କରାଯାଇଥିଲା । ଭୂମିର ଦଖଲ ହସ୍ତାନ୍ତର ହେବା ପୂର୍ବରୁ, ଆବେଦନକାରୀ ଏହାର ତା 3.11.92 ରିଖ ଯୋଗାଯୋଗରେ କହିଥିଲେ ଯେ ଭୂମିର କିସ୍ତି ପ୍ରତି ବର୍ଗ ମିଟର ପିଛା 1650.65 ଟଙ୍କା ଦେୟଯୋଗ୍ୟ ହେବ, ଯାହା ଭାରତ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟ ଥିଲା, ଏହାର ତା 21/23.10.92 ରିଖ ବିଜ୍ଞପ୍ତି ମାଧ୍ୟମରେ । କିସ୍ତି ବୃଦ୍ଧିକୁ ନେଇ କେତେକ ସମତି ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ । ଉଚ୍ଚ ନ୍ୟାୟାଳୟ ଶେଷରେ ଏହି ବୃଦ୍ଧିକୁ ସମର୍ଥନ କରିଥିଲେ, ଯେଉଁ ନିର୍ଣ୍ଣୟ ପରେ ପରେ 26 ଦିଲ୍ଲୀ ବିବୃତ ରାୟ 156 ରେ ବିବୃତ କରାଯାଇଛି । ସ୍ୱତନ୍ତ୍ର ଅନୁମତି ଆବେଦନ ମାଧ୍ୟମରେ ଉଚ୍ଚ ନ୍ୟାୟାଳୟର ରାୟ ବିରୁଦ୍ଧରେ ଏହି ଅଦାଲତକୁ ଯୋଗାଯୋଗ କରାଯିବା ପରେ, ପ୍ରଥମ କିସ୍ତି ପ୍ରଦାନ କରିବାର ସମୟକୁ 31 ମେ, 1993 ପର୍ଯ୍ୟନ୍ତ ବୃଦ୍ଧି କରି ଏହାର ଫଏସଲା କରାଯାଇଥିଲା, ଯାହା କି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା 30 ଏପ୍ରିଲ, 1993 ଭାବରେ ସ୍ଥିର କରାଯାଇଥିଲା । ଏହି ନ୍ୟାୟାଳୟ ତାଙ୍କ ଆଦେଶରେ ସ୍ପଷ୍ଟ କରିଥିଲେ ଯେ ସୁଧ ସହିତ ପ୍ରଥମ କିସ୍ତି ପ୍ରଦାନ କରିବାର ସୁବିଧା କେବଳ 31 ଜୁଲାଇ, 1993 ପର୍ଯ୍ୟନ୍ତ ଉପଲବ୍ଧ ହେବ ଏବଂ ଏହି ତାରିଖ ପରେ କୌଣସି ସମୟ ସମ୍ପ୍ରସାରଣ ମଞ୍ଜୁର କରାଯିବ ନାହିଁ ।

3. ଏହି ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରତିବାଦୀମାନେ ଏହି ଅର୍ଥରାଶି ପ୍ରଦାନ ନ କରିଥିବା କ୍ଷେତ୍ରରେ, ଆବେଦନକାରୀ 1650.65 ଟଙ୍କାର 10 ପ୍ରତିଶତ ଅର୍ଥରାଶି, ଯାହା ତା 3.11.1992 ରିଖ ଆବଣ୍ଟନ ଆଦେଶର ଧାରା 4 II ଅନୁଯାୟୀ ବକେୟା ଥିବା ଦେୟଯୋଗ୍ୟ ବହିନା ଧନ ସହ ସମାନ ଥିବା ଅର୍ଥରାଶି ବାଜ୍ୟାପ୍ତ କରିଥିଲେ । ଆବେଦନକାରୀଙ୍କ ଏହି କାର୍ଯ୍ୟକୁ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଆପତ୍ତି କରାଯାଇଥିଲା, ଯିଏ ଆକ୍ଷେପିତ ଆଦେଶ ଦ୍ୱାରା ଆବେଦନକାରୀଙ୍କୁ କୌଣସି କାଟ ନ କରିବାକୁ ଏବଂ ପ୍ରତିବାଦୀମାନଙ୍କ ଦ୍ୱାରା ଜମା କରାଯାଇଥିବା ସମ୍ପୂର୍ଣ୍ଣ ରାଶି ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ନିର୍ଦ୍ଦେଶର ବୈଧତାକୁ ଏହି ଆବେଦନରେ ଆପତ୍ତି କରାଯାଇଛି ।

4. ଆବେଦନକାରୀଙ୍କ ତରଫରୁ ଶ୍ରୀ ଜେଟଲୀ ତାଙ୍କ ଆବେଦନକୁ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ଅଂଶ ପର୍ଯ୍ୟନ୍ତ ସୀମିତ ରଖିଛନ୍ତି, ଯାହା ବହିନା ଧନ ଫେରସ୍ତ ସହ ସମ୍ବନ୍ଧିତ । ଶ୍ରୀମାନ ଓକିଲ ଯୁକ୍ତି କରିଛନ୍ତି ଯେ ପ୍ରତିବାଦୀମାନେ ତା 25.1.91 ରିଖରେ ଉଲ୍ଲିଖିତ ସର୍ତ୍ତାବଳୀ ଉପରେ ଆବଣ୍ଟନକୁ ଗ୍ରହଣ କରିଥିଲେ ଯାହା ହାର ବୃଦ୍ଧି ବିଷୟରେ କଳ୍ପନା କରିଥିଲା, ଏବଂ ବୃଦ୍ଧି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଯୁକ୍ତିଯୁକ୍ତ ବୋଲି ବିବେଚନା କରାଯାଇଥିଲା, ବହିନା ଧନ ଫେରସ୍ତ କରିବାର ନିର୍ଦ୍ଦେଶ ଦୁଇଟି କାରଣ ପାଇଁ ଆଇନ ଅନୁଯାୟୀ ନୁହେଁ । ପ୍ରଥମତଃ, ବହିନା ଧନର ଧାରଣାଟି ଏହିକି ଯେ ଯଦି ଚୁକ୍ତିନାମାଟି ବନ୍ଦ ହୋଇଯାଏ, ତେବେ ତାହାକୁ ବାଜ୍ୟାପ୍ତ କରାଯାଇପାରେ । ଦ୍ୱିତୀୟତଃ, ଦିଲ୍ଲୀ ବିକାଶ ପ୍ରାଧିକରଣ (ବିକଶିତ ନାଜୁଲ ଜମିର ନିକାଶ) ସଂଶୋଧନ ନିୟମାବଳୀ, 1981, ଯାହା 11.11.91 ରେ ଅଧିସୂଚିତ ହୋଇଥିଲା, ସଂଶୋଧନ ନିୟମ 24(2) ରେ ଉଲ୍ଲିଖିତ କିସ୍ତି ଜମା ନ କରିବା କ୍ଷେତ୍ରରେ ବହିନା ଧନ ବାଜ୍ୟାପ୍ତ କରିବାର ବ୍ୟବସ୍ଥାପୂର୍ବକ, ବହିନା ଧନ ବ୍ୟାଜାପ୍ତ କରିବାରେ ଆବେଦନକାରୀଙ୍କ କାର୍ଯ୍ୟ ଆଇନ ଅନୁଯାୟୀ ଥିଲା ।

5. ପ୍ରଥମ ଆଇନଗତ ପ୍ରସ୍ତାବକୁ ସମର୍ଥନ କରି ଶ୍ରୀ ଜେଟଲୀ ମୁଖ୍ୟତଃ ଆମ୍ଭଙ୍କୁ *ଶ୍ରୀ ହନୁମାନ କଟନ ମିଲ୍ସ* ବନାମ *ଟାଟା ଏୟାରକ୍ରାଫ୍ଟ ଲିମିଟେଡ୍,* (1970) 3 ଏସ.ସି.ଆର. 127 ମାମଲାରେ ଏହି ନ୍ୟାୟାଳୟର ତିନି ଜଣିଆ ଖଣ୍ଡପୀଠଙ୍କ ନିର୍ଣ୍ଣୟକୁ ଉଲ୍ଲେଖ କରିଥିଲେ, ଯେଉଁଥିରେ ବହିନା ଧନର ଅର୍ଥ କ'ଣ ଏବଂ ଏପରି ଅର୍ଥ ଜମା କରିବାର ପରିଣାମ କ'ଣ ଏବଂ ଏହାକୁ କେବେ ବାଜ୍ୟାପ୍ତ କରାଯାଇପାରିବ ସେ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଛି । ଖଣ୍ଡପୀଠ ରାୟରେ ଉଲ୍ଲେଖ କରାଯାଇଥିବା ବିଭିନ୍ନ ନିଷ୍ପତ୍ତିକୁ ସମୀକ୍ଷା କରିବା ପରେ, ଯେଉଁଥିରେ *ଚିରଞ୍ଜିତ ସିଂହ* ବନାମ *ହରସ୍ୱରୂପ,* ଏଆଇଆର (1926) ପିସି-1 ରେ ପ୍ରଦତ୍ତ ପ୍ରିଭି ପରିଷଦ ଅନ୍ତର୍ଭୁକ୍ତ, ପୃଷ୍ଠା 139 ରେ "ବଇନା" ସମ୍ବନ୍ଧରେ ନିମ୍ନଲିଖିତ ନୀତିଗୁଡ଼ିକୁ ଆହରଣ କରିଥିଲେ:

"(1) ଯେଉଁ ମୁହୂର୍ତ୍ତରେ ଚୁକ୍ତିନାମା ସମାପ୍ତ ହୋଇଛି, ସେହି ସମୟରେ ଏହା ପ୍ରଦାନ କରାଯିବା ଆବଶ୍ୟକ ।

(2) ଏହା ଏକ ପ୍ରତ୍ୟାଭୂତିର ପ୍ରତିନିଧିତ୍ୱ କରେ ଯେ ଚୁକ୍ତିନାମା ପୂରଣ ହେବ କିମ୍ବା ଅନ୍ୟ ଶବ୍ଦରେ, ଚୁକ୍ତିନାମା ବାନ୍ଧିବା ପାଇଁ 'ବଇନା' ଦିଆଯାଏ ।

(3) ଯେତେବେଳେ କାରବାର କରାଯାଏ, ଏହା କ୍ରୟ ମୂଲ୍ୟର ଅଂଶବିଶେଷ ହୋଇଥାଏ ।

(4) କ୍ରେତାଙ୍କ ଖିଲାପ କିମ୍ବା ବିଫଳତା କାରଣରୁ କାରବାର ବିଫଳ ହେଲେ ଏହା ଜବତ ହୋଇଥାଏ ।

(5) ଯଦି ଚୁକ୍ତିନାମାର ସର୍ତ୍ତାବଳୀରେ କିଛି ବିପରୀତ ନଥାଏ, କ୍ରେତାଙ୍କ ଦ୍ୱାରା ପ୍ରତିଶ୍ରୁତିବଦ୍ଧତାର ଖିଲାପ ହେଲେ, ବିକ୍ରେତା ବହିନା ବାଜ୍ୟାପ୍ତ ପାଇଁ ହକଦାର ।"

6. ଉପରୋକ୍ତ ଆଇନଗତ ସ୍ଥିତିକୁ ଦୃଷ୍ଟିରେ ରଖି, ଶ୍ରୀ ବିଶ୍ୱଜିତ୍ ଭଟ୍ଟାଚାର୍ଯ୍ୟଙ୍କ ଦ୍ୱାରା ପ୍ରତିବାଦୀମାନଙ୍କ ପାଇଁ ଆଗତ ଯୁକ୍ତି ଏହା ଯେ 3.11.92 ରେ ଦିଆଯାଇଥିବା ପ୍ରସ୍ତାବକୁ ଗ୍ରହଣ କରାଯାଇ ନଥିଲା ଯେଉଁଥିରେ କିସ୍ତିର ହାର 1650.65 ଟଙ୍କା ବୋଲି ଉଲ୍ଲେଖ କରାଯାଇଥିଲା । ତେଣୁ ଆବେଦନକାରୀଙ୍କ ଶ୍ରୀମାନ ଓକିଲଙ୍କ ଅନୁଯାୟୀ, ଆବେଦନକାରୀ ବହିନା ଧନ ଜବତ କରିବାର ଅଧିକାରୀ ନୁହଁନ୍ତି, କାରଣ ଏହି ତାରିଖ ପରେ ପ୍ରସ୍ତାବକୁ ସ୍ୱୀକାର କରିବାର ସନ୍ତକ ସ୍ୱରୂପ ଏପରି କୌଣସି ଅର୍ଥ ଜମା କରାଯାଇନଥିଲା ।

7. ଶ୍ରୀ ଜେଟଲୀ ଏହି ବିବୃତିକୁ ନିବେଦନପୂର୍ବକ ପ୍ରତ୍ୟାଖ୍ୟାନ କରି କହିଛନ୍ତି ଯେ 3.11.92 ର ଯୋଗାଯୋଗରେ ଥିବା ଭୂମି ଆବଣ୍ଟନ ପ୍ରସ୍ତାବକୁ ତା 25.1.91 ରିଖର ଆବଣ୍ଟନ ପ୍ରସ୍ତାବରେ ପଢ଼ାଯିବ ନାହିଁ  କିମ୍ବା ତା 1.10.90 ରିଖର ଯୋଗାଯୋଗରେ ଉଲ୍ଲେଖ କରାଯାଇଥିବା ପ୍ରସ୍ତାବକୁ ଦର୍ଶା ଯାଇପାରିବ ନାହିଁ । ଏହା 3.11.92 ତାରିଖର ପ୍ରସ୍ତାବର ପାରା 3 ରେ ଯାହା କୁହାଯାଇଛି ସେଥି ପ୍ରତି ଆମ୍ଭର ଧ୍ୟାନ ଆକର୍ଷଣ କରିଛି, ଯେଉଁଥିରେ ଆବଣ୍ଟନକାରୀଙ୍କ ଦ୍ୱାରା ଦେୟ ହୋଇଥିବା ସମଗ୍ର ରାଶି ହିସାବ କରିବା ସମୟରେ, 1.10.90 ର ପ୍ରସ୍ତାବ ଅନୁଯାୟୀ ପୂର୍ବରୁ କରାଯାଇଥିବା ଜମାକୁ ସମାଯୋଜିତ କରାଯାଇଥିଲା । ପୁନଶ୍ଚ ପରବର୍ତ୍ତୀ ଯୋଗାଯୋଗର ପାରା 4 ର ଉପ-ପାରା 2 ରେ, ପୂର୍ବର ଜମା ବହିନା ଧନର ତଥ୍ୟ ଉପରେ ଧ୍ୟାନ ଦିଆଯାଇଛି । ସି.ଏ. ସଂଖ୍ୟା  931/85 ରେ ପ୍ରତିବାଦୀ ଦ୍ୱାରା ଦାଖଲ କରାଯାଇଥିବା ତା 24.12.1992 ରିଖର ଆବେଦନ ଫର୍ମରୁ ଆମ୍ଭେ ଏହା ମଧ୍ୟ ପାଇଲୁ ଯେ 22.10.90 ରେ ଜମା ହୋଇଥିବା ବହିନା ଧନ ଏବଂ 25.1.91 ରେ ଜମା ହୋଇଥିବା କିସ୍ତିର କିଛି ଅଂଶ, ପ୍ରସଙ୍ଗ 8 ଅଧୀନରେ ଉଲ୍ଲେଖ କରାଯାଇଛି ଯାହା "ଚାଲାଣ ସଂଖ୍ୟା ଏବଂ ତାରିଖ ସହିତ ସମ୍ପୃକ୍ତ ଯେଉଁଥିରେ ମୋଟ କିସ୍ତିର 25 ପ୍ରତିଶତ ଏବଂ ବହିନା ଧନର 10 ପ୍ରତିଶତ ଜମା କରାଯାଇଛି" ।

8. ଉପରୋକ୍ତ ତଥ୍ୟଗୁଡ଼ିକ ଆମ୍ଭ ମନରେ କୌଣସି ପ୍ରକାରର ସନ୍ଦେହ ଛାଡି ନାହିଁ ଯେ 3.11.92 ର ଯୋଗାଯୋଗରେ ଯାହା କୁହାଯାଇଛି ତାହା ପୂର୍ବ ତା 1.10.90/25.1.91 ରିଖର ପ୍ରସ୍ତାବର କ୍ରମାନୁବୃତ୍ତି ଥିଲା । ତେଣୁ ଆମ୍ଭର ମତ ଏହିକି ଯେ ପ୍ରତିବାଦୀମାନେ 3.11.92 ର ଯୋଗାଯୋଗରେ ଥିବା ପ୍ରସ୍ତାବକୁ ଗ୍ରହଣ କରିଥିଲେ ଏବଂ ଏହିପରି, ସେମାନେ 1650.65 ଟଙ୍କାର ବର୍ଦ୍ଧିତ ହାରରେ କିସ୍ତି ଦେବାକୁ ବାଧ୍ୟ ଥିଲେ ଯାହାକୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଯୁକ୍ତିଯୁକ୍ତ ବୋଲି ଧରାଯାଇଥିଲା । ଯେହେତୁ ସେମାନେ ତା 10.5.93 ରିଖର ନ୍ୟାୟାଳୟର ଉପରୋକ୍ତ ଆଦେଶରେ ଉଲ୍ଲିଖିତ ସର୍ତ୍ତକୁ ଅନୁପାଳନ କରିନଥିଲେ, ପ୍ରତିବାଦୀମାନେ ବହିନା ଧନ ଜବତ କରିବା ପାଇଁ ନିଜକୁ ଆଇନ ଅନୁଯାୟୀ ବାଧିତ କରିଥିଲେ । ତେବେ ସେ ଯାହା ହେଉ, ଯେହେତୁ ଯେଉଁ ବହିନା ଧନ ଜମା ହୋଇଛି, ତାହା ସଂଶୋଧିତ ନାଜୁଲ ନିୟମ ଅନୁଯାୟୀ ଆବଶ୍ୟକ କିସ୍ତିର 10 ପ୍ରତିଶତ ନୁହେଁ, ବରଂ ଏହା 1.10.90 ର ପ୍ରସ୍ତାବରେ ଉଲ୍ଲେଖ କରାଯାଇଥିବା ସିଏ ସଂଖ୍ୟା 931/85 ରେ  5  ଲକ୍ଷ ଟଙ୍କାର ଏକ ନିର୍ଦ୍ଧାରିତ ରାଶି ଥିଲା । ଯାହା  ବାଜ୍ୟାପ୍ତ ହେବା ପାଇଁ ଆଇନ ଅନୁଯାୟୀ ବାଧିତ

ଥିଲା, ତାହା 5 ଲକ୍ଷ ଟଙ୍କା ଥିଲା ଏବଂ ଯାହା ମୋଟ କିସ୍ତିର 1650.65 ଟଙ୍କା ହାରରେ ହିସାବ କରାଯାଇଥିବା 10 ପ୍ରତିଶତ ନୁହେଁ ।

୨. ତେଣୁ, ଉଚ୍ଚ ନ୍ୟାୟାଳୟର ଆଦେଶକୁ ସଂଶୋଧନ କରି ଆବେଦନଗୁଡ଼ିକ ଅନୁମତି ଦିଆଯାଇଛି, ଯେଉଁଥିରେ କୁହାଯାଇଛି ଯେ ପ୍ରତିବାଦୀମାନଙ୍କୁ ଫେରସ୍ତ ହେବାକୁ ଥିବା ରାଶି ସେମାନଙ୍କ ଦ୍ୱାରା ଜମା କରାଯାଇଥିବା ବହିନା ଧନକୁ ଅନ୍ତର୍ଭୁକ୍ତ କରିବ ନାହିଁ । ଅବଶିଷ୍ଟ ରାଶି ଆଜିଠାରୁ 4 ସପ୍ତାହ ମଧ୍ୟରେ ଆବେଦନକାରୀଙ୍କ ଦ୍ୱାରା ଫେରସ୍ତ କରାଯିବ, ଯେଉଁଥିରେ ବିଫଳ ହେଲେ ପ୍ରତିବାଦୀମାନେ ଆଜିଠାରୁ ଦେୟ ପର୍ଯ୍ୟନ୍ତ ବାର୍ଷିକ 1୫ ପ୍ରତିଶତ ହାରରେ ସୁଧ ପାଇବାକୁ ହକଦାର ହେବେ । ମାମଲାର ତଥ୍ୟ ଏବଂ ପରିସ୍ଥିତିରେ, ଆମ୍ଭେ ଖର୍ଚ୍ଚ ପାଇଁ କୌଣସି ଆଦେଶ ଦେଉ ନାହୁଁ ।

ଏ.ଜି.

ଆବେଦନକୁ ମଞ୍ଜୁରୀ ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**